ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

## କଟକ ଠାରେ ୫୮ ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ପାଳିତ

କଟକ ତା ୨୧.୧୦.୨୦୧୭ - ୫୮ ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ଆଜି ପୂର୍ବାହ୍ନରେ ପୋଲିସ ମୁଖ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ପାଳନ କରାଯାଇଅଛି । ଏହି ଉପଲକ୍ଷେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରି ବିଭିନ୍ନ ଆରକ୍ଷୀ ବିଭାଗରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଶହୀଦ ଯବାନଙ୍କ ପରିବାରବର୍ଗଙ୍କ ପ୍ରତି ମଧ୍ୟ ଡା. ଶର୍ମା ଏହି ଅବସରରେ ସମବେଦନା ଜଣାଇଛନ୍ତି । ବୀର ଶହୀଦ ମାନଙ୍କ ପାଇଁ ଏହି ପରିପ୍ରେକ୍ଷୀରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଆରକ୍ଷୀ ବାହିନୀ ତରଫରୁ ଶୋକଶାସ୍ତ୍ର ଓ ସଲାମିଶାସ୍ତ୍ର ପ୍ରଦର୍ଶନ କରାଯାଇଥିଲା । ଓଡିଶା ଶିଳ୍ପ ନିରାପତ୍ତା ବାହିନୀର ଉପ-ଦୁର୍ଗପତି ଶ୍ରୀ ଅଶୋକ କୁମାର ଦେହୁରିଙ୍କ ନେତୃତ୍ୱରେ ଏହି ପ୍ୟାରେଡ ପରିଚାଳିତ ହୋଇଥିଲା । ଚଳିତ ବର୍ଷ ସମଗ୍ର ଦେଶରେ ବିଭିନ୍ନ ଆରକ୍ଷୀ ବିଭାଗରେ ସର୍ବମୋଟ ୩୭୯ ଜଣ ଯବାନ ପ୍ରାଣବଳୀ ଦେଇଛନ୍ତି । ତନ୍ମଧ୍ୟରୁ ଆନ୍ଧ୍ରପ୍ରଦେଶରୁ ୫, ଅରୁଣାଚଳ ପ୍ରଦେଶରୁ ୨, ଆସାମରୁ ୧, ବିହାରରୁ ୧୨. ଛତିଶଗଡରୁ ୨୩, ଦିଲ୍ଲୀରୁ ୧୩, ଗୁଜୁରାଟରୁ ୨, ଜାମ୍ମୁ ଓ କାଶ୍ମୀରରୁ ୪୨, ଝାରଖଣ୍ଡରୁ ୨, କର୍ଣ୍ଣାଟକରୁ ୧୨, ମଧ୍ୟପ୍ରଦେଶରୁ ୧, ମହାରାଷ୍ଟ୍ରରୁ ୧, ମଣିପୁରରୁ ୩, ମେଘାଳୟରୁ ୨, ରାଜସ୍ଥାନରୁ ୧, ତାମିଲନାଡୁରୁ ୨, ଉତ୍ତରାଖଣ୍ଡରୁ ୭, ଉତ୍ତରପ୍ରଦେଶରୁ ୭୬, ପଶ୍ଚିମବଙ୍ଗରୁ ୧୬, BSFରୁ ୫୪, CISFରୁ ୧୩, CRPFରୁ ୪୯, FS & HGରୁ ୬, ITBPରୁ ୧୧,NCBରୁ ୧,NDRFରୁ ୨, SSBରୁ ୨, RPFରୁ ୯ ଏବଂ ଓଡିଶାରୁ ୯ ଜଣ ଆରକ୍ଷୀ କର୍ତ୍ତବ୍ୟରତ ଅବସ୍ଥାରେ ପ୍ରାଣବଳୀ ଦେଇଛନ୍ତି । ଓଡିଶାରୁ ପ୍ରାଣବଳୀ ଦେଇଥିବା ଆରକ୍ଷୀ ମାନେ ହେଲେ ହାବିଲଦାର ମେଜର ସୋମନାଥ ସିସା, ଡ୍ରାଇଭର ହାବିଲଦାର/୪୧୬ ତୁଳସୀଧର ମାଝୀ, ସହକାରୀ ଗାଡିଚାଳକ/୫୮୮ ସୁବର୍ଣ୍ଣ କୁମାର ରାଜ୍, ସହକାରୀ ଗାଡିଚାଳକ/୧୧୩ ସଞ୍ଜୟ କୁମାର ଦାସ, ସହକାରୀ ଗାଡିଚାଳକ/ ଅରୁଣ କୁମାର ନାୟକ, ସହକାରୀ ଗାଡିଚାଳକ/୧ ପ୍ରଦୀପ୍ତ କୁମାର ରାଉତ, ସହକାରୀ ଗାଡିଚାଳକ/୧୫ ଗଣେଶ ପ୍ରସାଦ ସା, କମାଣ୍ଡୋ/୫୧ ଲକ୍ଷ୍ମୀକାନ୍ତ ଜାନୀ ଓ ଗ୍ରାମରକ୍ଷୀ ଜଗାରାଓ ଗୋମ୍ପାରାଏ ।

ସୂଚନାଯୋଗ୍ୟ ଯେ ୧୯୫୯ ମସିହା ଆଜିର ଦିନରେ ଚୀନା ସୈନିକ ଆକ୍ରମଣରେ ଲଦାଖ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ ଜଣ ଭାରତୀୟ ସି.ଆର୍.ପି.ଏଫ୍ ଯବାନ ପ୍ରାଣବଳୀ ଦେଇଥିଲେ । ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖ ଦିନ ଶହୀଦ ଦିବସ ଭାବେ ପାଳନ କରାଯାଉଅଛି ।

ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ ।

ଲୋକ ସମ୍ପର୍କ ଅଧିକାରୀ